ମହାଭାରତର ପ୍ରଶସ୍ତି
କୁମ୍ଭ ଋଷିର ନନ୍ଦନ ଯେ ଅଗସ୍ତି ମହଋଷି
ମହାବ୍ରହ୍ମବେତ୍ତା ସେ ଅମୃତ ରସ ଭାଷି ।୧।
-----
୮ ।୧ ସେ ନଦୀର ତୀରେ ପ୍ରଶୁରାମ ପାଟଣା (ଜନ୍ମସ୍ଥାନ)
୧୦ ।୨ ପ୍ରସନ୍ନେ ବର ଦିଅଇ...... (ପା)
୧୬ ।୨ ଫିଟିବାକ ପାତକ ଶୁଣନ୍ତେ ୟେକମନେ ।
୧୨ ।୧ ମାତାଙ୍ଗୀ-ମତ୍ତାଙ୍ଗୀ । ୧୨ ।୨ କୁତୋହଳୀ-କୁତୂହଳୀ
୧୪ ।୧ ଶାକାମ୍ଭେରୀ-ଶାକମ୍ଭରୀ-ଶକ୍ତିଧାରିଣୀ ଦୁର୍ଗା । ୧୬ ।୨ ଦୁଷୁକୃତ-ଦୁଷ୍କୃତ

ବଇବସୁତ ମନୁ ପୁଛାକଲେ ଅଗସ୍ତିଙ୍କି
କହ ପଣ୍ଡିତ ମହାତମା ଅମୃତରସ ବାକି ।୨।
ଶ୍ରୀ ମହାଭାରଥ ନାମ ହୋଇଲା କେମନ୍ତେ
ୟେହା ତଦନ୍ତ କରି କହିବା ମୁନି ମୋତେ ।୩।
ଶୁଣ ହୋ ବଇବସୁତ ମନୁ ଆଦିପର୍ବ ଚରିତ
ଦେବତାମାନେ ଯେ ତୋଳିଲେ ସମସ୍ତ ହାଦେ ଗ୍ରନ୍ଥ ।୪।
ତୁଳାଦଣ୍ଡ କଲେ ଯେ ଦ୍ୱାଦଶ ଯୋଜନ କାଠି (ସଂଖ୍ୟା)
ତିନି ତିନି ଉଚ୍ଚ ଯୋଜନ କଲେ ବେନି କର୍ଣ୍ଣ କୋଟି ।୫।
ବିଷ୍ଣୁ ଅନନ୍ତ କୋଟି ବ୍ରହ୍ମା ଅନନ୍ତ କୋଟି (ସଂଖ୍ୟା)
ସବୁ ପୂରୋଇଲେ ନେଇ ତୁଳାଦଣ୍ଡ କାଠି ।୬।
ଅଷ୍ଟାଦଶ ପୁରାଣ ପଞ୍ଚବିଂଶ ଲକ୍ଷ (ସଂଖ୍ୟା)
ରାମାୟଣ ଚଣ୍ଡୀଯୁଦ୍ଧ ସମସ୍ତ ପୁରାଣ ପ୍ରତକ୍ଷ ।୭।
ବିଷ୍ଣୁ ପୁରାଣ ରାଜା ମାରକଣ୍ଡ ପୁରାଣ ପାତର
ଶିବ ପୁରାଣ ମନ୍ତ୍ରୀ ନାରଦ ପୁରାଣ ଡଗର ।୮।
ୟେ ଚାରି ପୁରାଣନ୍ତ ମୁଖ୍ୟ କରି ସମସ୍ତ ପୁରାଣ
ୟେମାନ ବସାଇଲେ ନେଇ ତୁଳାଦଣ୍ଡ କତିକେଣ ।୯।
ଆରକ କନ୍ଥେ ଭାରଥ ଅଷ୍ଟାଦଶ ଥୋଇଲେ
ସମସ୍ତ ଶାହାସ୍ତ୍ର ଗ୍ରନ୍ଥୁଂ ୟେ ମହାଗରୁ ହୋଇଲେ ।୧୦।
ଯୁଗତେ ସେ ଯହୁଁ ହୋଇଲା ମହାଭାରା
ତହୁଁ ମହାଭାରଥ ନାମ ଦେଲେ କଶ୍ୟପ ଅଙ୍ଗିରା ।୧୧।
ତେଣୁ କରି ହୋଇଲା ସେ ମହାଭାରଥ ନାମ
ତୁଳନ୍ତେ ଯହୁଁ ହୋଇଲା ୟେ ମହା ଅସମ ।୧୨-୫୭।
------
୨ ।୨ ବାକି-ବାକ୍ୟ । ୪ ।୨ ହାଦେ-ସାଧ୍ୟେ, ଅକସ୍ମାତ୍ ।
୧୦ ।୨ ଗରୁ-ଗୁରୁ ।